# ଅବ୍ୟବସ୍ଥାରେ ରାଜୀବ ଆବାସ, ଅଭିଯୋଗ ସତ୍ତ୍ୱେ ଫଳ ଶୂନ୍

ବ୍ରହ୍ମପୁର ଅଫିସ,୫।୧୨

ବସ୍ତି ବାସିନ୍ଦାଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ରାଜୀବ ଆବାସ ଯୋଜନା ମାଧ୍ୟମରେ ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ଏହି ମର୍ମରେ ରାଜ୍ୟର ବିଭିନ୍ନ ସହରରେ ସ୍ଥାନ ଚିହ୍ନଟ କରାଯାଇ ରାଜୀବ ଆବାସ ନିର୍ମାଣ କରାଯାଇଥିଲା। ଫଳରେ ସହରର ବସ୍ତି ବାସିନ୍ଦା ଏଠାରେ ବସବାସ କରି ସମସ୍ତ ମୌଳିକ ସୁବିଧା ପାଇବାରେ ଉପକୃତ ହୋଇପାରିବେ। କିନ୍ତୁ ତାହା ଅବ୍ୟବସ୍ଥାରେ ରହିଛି।

ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୨୦୧୫-୧୬ରେ ସହରର ଧୋବା ବନ୍ଧ, ଉତ୍ତରାମୁଖୀ, ଚନ୍ଦନ ନଗର, ଜଗବନ୍ଧୁ ହୁଡ଼ା, ଆଇନା ବନ୍ଧ, ପୂର୍ଣ୍ଣବାସୀ କଲୋନୀ, ନୀଳାଦ୍ରି ବିହାର, ନେହେରୁ ନଗର, ପଣ୍ଡା କଲୋନୀ, ଆନନ୍ଦ ସରଣୀ, ଫାଷ୍ଟ ଗେଟ୍ ତେଲି ଶ୍ମଶାନ୍, ପାନକାନା ପଲ୍ଲୀ ଓ ସୋମାନାଥ ନଗର ଆଦି ଅଞ୍ଚଳରେ ଜାଗା ଚିହ୍ନଟ କରାଯାଇ ରାଜୀବ ଆବାସ ନିର୍ମାଣ ହୋଇଥିଲା। ଏଥିରୁ ୮ ଟି ସ୍ଥାନରେ କାମ ଶେଷ ହୋଇଥିବା ବେଳେ ବଳକା କାର୍ଯ୍ୟ ଚାଲିଛି। ବିଏମ୍‌ସି ପକ୍ଷରୁ ୨୧୮୦ ପରିବାରଙ୍କ ନିମନ୍ତେ ୧୭୦୦ ଘର ନିର୍ମାଣ ସରିଛି। ଏଥିରେ ଏକ ହଜାର ଲୋକ ବାସ କରୁଛନ୍ତି। ଯେଉଁଥିପାଇଁ ପରିବାର ପିଛା ୪୦ ହଜାର ଟଙ୍କା ଆଦାୟ ମଧ୍ୟ କରିଛି। ଖୁବ୍ ଶୀଘ୍ର ଅନ୍ୟ ଗୃହ କାର୍ଯ୍ୟ ଶେଷ ହେବ ବୋଲି ବିଏମ୍‌ସି ସହକାରୀ ନିର୍ବାହୀ ଯନ୍ତ୍ରୀ ଏମ୍.ନାଗେଶ୍ୱର ସୁବୁଦ୍ଧି କହିଛନ୍ତି। ତେବେ ବିଏମ୍‌ସି ପକ୍ଷରୁ ନିର୍ମାଣ ଗୃହଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ ବସ୍ତି ବାସିନ୍ଦା ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।


ରାଜୀବ ଆବାସ କୋଠା ପରିସରରେ ପଡ଼ି ରହିଥିବା ଅଳିଆ ଆବର୍ଜନା।

ଏହାର ଉଦାହରଣ ହେଉଛି

**ୱାର୍ଡ ନମ୍ବର-୧**

ମହାନଗର ନିଗମ ୧ ନମ୍ବର ୱାର୍ଡ ଅନ୍ତର୍ଗତ ଉତ୍ତରାମୁଖୀ ସାହିରେ ଥିବା ରାଜୀବ ଆବାସ। ଏଠାରେ ଥିବା ଛଅଟି ବ୍ଲକରେ ପ୍ରାୟ ୧୦୦ ପରିବାର ରହୁଛନ୍ତି। ସହରର ହରିଡ଼ାଖଣ୍ଡି, ଶକ୍ତି ନଗର, ଧର୍ମନଗର, କେନାଲ ସାହି, ଫାଷ୍ଟ ଗେଟ୍ ଓ ମାଛ ମାର୍କେଟ ଆଦି ଅଞ୍ଚଳରେ ବସ୍ତି ବାସିନ୍ଦା ରହୁଛନ୍ତି। କିନ୍ତୁ ଏଠାରେ ଥିବା ଲୋକଙ୍କ ସମସ୍ୟା କହିଲେ ନ ସରେ। ବିଏମ୍‌ସି ପକ୍ଷରୁ ଗୃହ ହସ୍ତାନ୍ତର କରାଯାଇଛି ସତ କିନ୍ତୁ ସମସ୍ୟା ସମାଧାନ କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବସ୍ତି ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ବିଶେଷ କରି ଏଠାରେ ରହିଥିବା ଡ୍ରେନ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ପଡ଼ିଛି। ଦୀର୍ଘ ଦିନ ଧରି ଏହାର ମରାମତି ହେଉ ନ ଥିବାରୁ ନର୍ଦ୍ଦମା ପାଣି ଘରେ ପଶୁଥିବାରୁ ଲୋକେ ନାନା ହଇରାଣ ହେଉଛନ୍ତି। ବିଏମ୍‌ସି ପକ୍ଷରୁ ଆଲୋକୀକରଣର ବ୍ୟବସ୍ଥା କରାଯାଇଛି ସତ କିନ୍ତୁ ଲାଇଟ୍ ଠିକ୍ ଭାବେ ଜଳୁ ନାହିଁ। ଫଳରେ ସଞ୍ଜ ନଇଁଲେ ବାସିନ୍ଦାମାନେ କୌଣସି ଜରୁରୀ କାର୍ଯ୍ୟରେ ପଦାକୁ ବାହାରିବା ପାଇଁ ଭୟ କରୁଛନ୍ତି। ଏଥିସହ ନଳକୂପର ଅଛି, କିନ୍ତୁ କୌଣସି ଯାନ୍ତ୍ରିକ ତ୍ରୁଟି ହେଲେ ଏଠାକାର ଲୋକେ ନିଜ ଖର୍ଚ୍ଚରେ ତିଆରି କରୁଛନ୍ତି।

ନାଳ ନର୍ଦ୍ଦମା କିମ୍ବା ଅଳିଆ ଆବର୍ଜନା ସଫା ନିମନ୍ତେ କୌଣସି ସଫେଇ କର୍ମଚାରୀ ଆସୁ ନ ଥିବା ବାସିନ୍ଦା କହିଛନ୍ତି। ଫଳରେ ମଶା ମାଛିଙ୍କ ପ୍ରାଦୁର୍ଭାବ ବଢୁଛି। କୋଠାର କାନ୍ଥରେ ଫାଟ ସୃଷ୍ଟି ହୋଇଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏ ନେଇ ବିଏମ୍‌ସି ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ଏମ୍.ନାଗେଶ୍ୱର ସୁବୁଦ୍ଧିଙ୍କ ସହ ଯୋଗାଯୋଗ କରିବାରୁ ଅଭିଯୋଗ ହସ୍ତଗତ ହୋଇଛି ଖବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ।

### ସେମାନେ ଯାହା କୁହନ୍ତି


ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଛୁ। କୌଣସି ଅସୁବିଧା ହେଲେ ବିଏମ୍‌ସି ସହଯୋଗ କରୁ ନାହିଁ। ସଫେଇ କର୍ମଚାରୀ ଆସୁ ନାହାନ୍ତି।
**-ରାଧା ଦଳେଇ(ବାସିନ୍ଦା)**


ଏଠାରେ ଥିବା ଡ୍ରେନ୍ ଭାଙ୍ଗି ପଡ଼ିଛି। ବର୍ଷା ହେଲେ ନର୍ଦ୍ଦମା ପାଣି ଘରେ ପଶୁଛି।
**-ଶଶି ନାହାକ(ବାସିନ୍ଦା)**


କୋଠାରେ କୌଣସି ସୁବିଧା ନାହିଁ। ବିଏମ୍‌ସି ପକ୍ଷରୁ ସଫେଇ କରାଯାଉ ନାହିଁ। କେବଳ ପ୍ରତିଶ୍ରୁତି ମିଳୁଛି। କାର୍ଯ୍ୟ ହେଉ ନାହିଁ।
**-ରାଜେଶ୍ୱର ବେହେରା (ପୂର୍ବତନ କାଉନ୍‌ସିଲର୍)**

## ସଂକ୍ଷେପରେ

### ଭଉଣୀଙ୍କୁ ହତ୍ୟା ଉଦ୍ୟମ, ଜେଲ ଗଲେ ଭାଇ

ବ୍ରହ୍ମପୁର ଅଫିସ,୫।୧୨-ଟଙ୍କା ନ ଦେବାରୁ ଭଉଣୀଙ୍କୁ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଶନିବାର ଅଭିଯୁକ୍ତ ଭାଇଙ୍କୁ ଗିରଫ କରିଛି। ସେ ହେଲେ ବାବାଜିତୋଟା ସାହିର କୃଷ୍ଣ ନାହାକ। ମାମଲା ନଂ.୨୮୩/୨୦ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ପ୍ରତିଦିନ ଭଳି ଶୁକ୍ରବାର ରାତ୍ର ପ୍ରାୟ ୯ଟାରେ କୃଷ୍ଣ ତାଙ୍କ ଭଉଣୀ ଚନ୍ଦ୍ରୀଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲେ। ବାରମ୍ବାର ଭାଇ ଏପରି ହଇରାଣ କରୁଥିବାରୁ ଚନ୍ଦ୍ରୀ ଟଙ୍କା ଦେବାକୁ ମନା କରିଥିଲେ। ଏଥିରେ ରାଗିଯାଇ କୃଷ୍ଣ ଏକ ମଦ ବୋତଲ ଧରି ଭଉଣୀଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିଯିବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ଚନ୍ଦ୍ରୀଙ୍କୁ ପରିବାର ଲୋକେ ଏମ୍‌କେସିଜି ମେଡିକାଲକୁ ଆଣିଥିଲେ। ପରେ ସେ ଏ ନେଇ ମେଡିକାଲରେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

### ଚିକିତ୍ସା ସହାୟତା ପାଇଁ ତହସିଲଦାରଙ୍କ ଦ୍ୱାରସ୍ଥ

ଗଞ୍ଜାମ,୫।୧୨(ଡି.ଏନ.ଏ.)-ଗତ ୪ ମାସ ତଳେ ବଡ଼ଭାଇର ଦଶାହ କାର୍ଯ୍ୟ ସାରି ଅଟୋରେ ସନ୍ତୋଷ ସେଠୀ ପରିବାର ସହ ଘରକୁ ଫେରୁଥିଲେ। ରାସ୍ତାରେ ଅଟୋଟି ଓଲଟି ପଡିବାରୁ ସନ୍ତୋଷଙ୍କ ବାମ ଗୋଡ଼ଟି ଭାଙ୍ଗିଯାଇଥିଲା। ସନ୍ତୋଷ ମୂଲ ଲାଗିଲେ ପରିବାର ଚଳୁଥିବା ବେଳେ ଏବେ ଗୋଡ଼ ହରାଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି ପରିବାର। ପରିବାର କହିଲେ ସ୍ତ୍ରୀ, ଦୁଇ ଝିଅ ଓ ଦଶ ବର୍ଷର ପୁଅ। ବର୍ତ୍ତମାନ ସ୍ଥିତିରେ ଦୁଇଓଳା ଖାଇବାକୁ ଗଣ୍ଡେ ପାଉ ନ ଥିବା ବେଳେ ଚିକିତ୍ସା କିପରି କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି ସନ୍ତୋଷଙ୍କ ସ୍ତ୍ରୀ। ସେତେବେଳେ ତତ୍କାଳୀନ ତହସିଲଦାର ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ ବ୍ରହ୍ମପୁର ମେଡିକାଲ ନେବା ବ୍ୟବସ୍ଥା କରିଥିଲେ। ଅଧିକ ଚିକିତ୍ସା ପାଇଁ ସନ୍ତୋଷ ଶୁକ୍ରବାର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଯୁବ ସ୍ୱେଚ୍ଛାସେବୀ ସୁଧୀର କୁମାର ପାଢ଼ୀ ଓ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ ଏ ନେଇ ତହସିଲଦାର ଅରୁଣ ନାୟକଙ୍କ ସହ ସନ୍ତୋଷଙ୍କ ଚିକିତ୍ସା ନିମନ୍ତେ କଥା ହୋଇଛନ୍ତି। ଏଥିସହିତ ପାଢ଼ୀ ଛତ୍ରପୁର ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସନ୍ତୋଷଙ୍କୁ ସରକାରୀ ସୁବିଧା ଯୋଗାଇବା ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ସବ୍‌ଜେଲ ଅନ୍ତେବାସୀଙ୍କ ଲାଗି ଗରମପାଣି ବ୍ୟବସ୍ଥା

ଆସିକା,୫।୧୨(ଡି.ଏନ୍.ଏ.)- ଆସିକା ସବ୍‌ଜେଲରେ ଅନ୍ତେବାସୀଙ୍କୁ ଗରମ ପାଣି ଯୋଗାଇବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଶୁକ୍ରବାର ବ୍ରହ୍ମପୁର ରେଞ୍ଜ ଡିଆଇଜି ରଘୁନାଥ ମାଝି ଆସିକା ସବଜେଲ ପରିସରରେ ଏହି ବ୍ୟବସ୍ଥାର ଉଦଘାଟନ କରିଥିଲେ। ୨ଶହ ଲିଟର ଜଳଧାରଣ କ୍ଷମତା ଥିବା ଦୁଇଟି ଟାଙ୍କିରୁ ସୌରଚାଳିତ ବ୍ୟବସ୍ଥା ଦ୍ୱାରା ଅନ୍ତେବାସୀଙ୍କୁ ଗରମପାଣି ଯୋଗାଣ ହେବ। ଅନ୍ତେବାସୀ ଗାଧେଇବା ଓ ପିଇବା ନିମନ୍ତେ ବିଶେଷ ଉପଯୋଗୀ ହେବ। ସବଜେଲରେ ୫ ସେଲରେ ୧୯୦ ଅନ୍ତେବାସୀଙ୍କ ରହିବା ବ୍ୟବସ୍ଥା ଥିଲା ବେଳେ ଶନିବାର ସୁଦ୍ଧା ଏଠାରେ ୭ ମହିଳାଙ୍କ ସମେତ ୧୯୩ ଅନ୍ତେବାସୀ ରହିଥିବା ସବଜେଲ ଅଧୀକ୍ଷକ ଦିଲୀପ କୁମାର ଜେନା କହିଛନ୍ତି।

### ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳିତ

ଗଞ୍ଜାମ,୫।୧୨(ଡି.ଏନ.ଏ.)-ସ୍ୱେଚ୍ଛାସେବୀ ଯୁବ ସଂଗଠନ ୟୁଥ୍ ଫର୍ ଭିଲେଜ୍ ପକ୍ଷରୁ ଶନିବାର ୱାଇ ଫର ଭି ପାଠାଗାରଠାରେ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳିତ ହୋଇଯାଇଛି। ୟୁଥ୍ ଫର୍ ଭିଲେଜ୍ ସଭାପତି ଚୈତନ୍ୟ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ୟୁଥ୍ ଫର୍ ଭିଲେଜ୍ ପ୍ରତିଷ୍ଠାତା ତଥା ଯୁବ ସଙ୍ଗଠକ ଡି ଦେବହରି ରେଡ୍ଡୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସଭାପତି ଚୈତନ୍ୟ ସ୍ୱେଚ୍ଛାସେବୀ ମନୋଭାବ ରଖି ଗାଁ ଗଠନରେ ଅଂଶୀଦାର ହେବା ପାଇଁ ଉପସ୍ଥିତ ଯୁବବନ୍ଧୁଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଦୀପକ ସେଠୀ, କୋଷାଧ୍ୟକ୍ଷ ମୋଚିରାମ ବେହେରା, ଚିରଞ୍ଜିବୀ ବେହେରା, ଗଗନ ସାହୁ, ବୁଲୁ ବେହେରା, ନିଲୁ ମହାପାତ୍ର, କାହ୍ନା ଗୌଡ଼, ସୁଶାନ୍ତ ରେଡ୍ଡୀ ପ୍ରମୁଖ ମତାମତ ରଖିଥିଲେ। ନିରାକାର ମହାରଣାଙ୍କୁ ସ୍ୱେଚ୍ଛାସେବୀ ମନୋବୃତ୍ତି ପାଇଁ ଦରଦୀ ବନ୍ଧୁ ସମ୍ମାନ ୨୦୨୦ ସମ୍ମାନରେ ମାନପତ୍ର ଓ ଉପଢ଼ୌକନ ଦେଇ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ବି ଦେବାଶିଷ ରେଡ୍ଡୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆର୍ ଗଣେଶ ରେଡ୍ଡୀ ଧନ୍ୟବାଦ୍ ଦେଇଥିଲେ।

# ପ୍ରଦୀପଙ୍କ ବିଧାୟକ ପଦ ରଦ୍ଦ ଦାବିକଲା କଂଗ୍ରେସ

ଗୋପାଳପୁର/ବ୍ରହ୍ମପୁର ଅଫିସ୍,୫।୧୨

ଜେଲରେ ଥିବା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କର ପଦ ରଦ୍ଦ ଓ ଚାକିରି ଦେବା ନାମରେ ସେ ଠକେଇ କରିଥିବା ଟଙ୍କାକୁ ନିରୀହ ଓ ଗରିବ ଲୋକଙ୍କୁ ଫେରାଇବାକୁ କଂଗ୍ରେସ ଦାବି କରିଛି। ଶନିବାର ଗୋପାଳପୁର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ଏସ. ଧର୍ମରାଜୁ ରେଡ୍ଡୀଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଗୋପାଳପୁର ଛକ, କରାପଲ୍ଲୀ, ନାରାୟଣପୁର, ଢୁରା, ହଳଦିଆପଦର ଛକ ଏବଂ କନିଷି ହାଟ ସ୍ଥିତ ୧୬ ନଂ ଜାତୀୟ ରାଜପଥରେ ପ୍ରଦୀପଙ୍କ କୁଶପୁତ୍ତଳିକା ଦାହ କରିବା ସହ ନାରାବାଜି କରିଥିଲେ। ପରେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏସ୍‌ପି ପିନାକ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।


ବ୍ରହ୍ମପୁର ଏସ୍‌ପି ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବିଧାୟକ ପ୍ରଦୀପଙ୍କ ଗିରଫ ପରେ ନିର୍ବାଚନ ମଣ୍ଡଳୀରେ ସମସ୍ତ ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଚାକିରି ନାମରେ ଟାଟା ବିସ୍ଥାପିତ ଗରିବ ନିରୀହ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ଭାବୀ କ୍ୱାଇଁଙ୍କ ଆକାଉଣ୍ଟକୁ ପଠାଇବା, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା, ଲକ୍‌ଡ଼ାଉନ୍ ସମୟରେ ଚାର୍ଟାର୍ଡ ଫ୍ଲାଇଟ୍‌ରେ ବୁଲିବା ଭଳି ବିଭିନ୍ନ ଘଟଣାରେ ବିଧାୟକ ଜେଲ୍ ଯିବା ପରେ ନିର୍ବାଚନ ମଣ୍ଡଳୀ ବଦନାମ ହୋଇଛି। ତେଣୁ ପ୍ରଦୀପଙ୍କ ବିଧାୟକ ପଦ ରଦ୍ଦ କରିବାକୁ କଂଗ୍ରେସ ଦାବି କରିଛି। ନଚେତ୍ ଜାତୀୟ କଂଗ୍ରେସ ପକ୍ଷରୁ ଏଭଳି ଆନ୍ଦୋଳନ ଜାରି ରହିବ ବୋଲି ରେଡ୍ଡୀ କହିଛନ୍ତି। ରାଜୀବ ରମଣ ଖୁଣ୍ଟିଆ, କେ. ମୋହନ ରେଡ୍ଡୀ, ଚିନ୍ମୟ କୁମାର ହୋତା, ଅନିଲ ପଣ୍ଡା, ବୁଲୁ ପାତ୍ରଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ବିକ୍ଷୋଭ କରିଥିଲେ।

# କୁଶପୁତ୍ତଳିକା ଦାହକଲା ଯୁବ ବିଜେଡି

ଛତ୍ରପୁର,୫।୧୨(ଡି.ଏନ୍.ଏ.)

ଜନବିରୋଧୀ କାର୍ଯ୍ୟ ଯୋଗୁ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳରୁ ବହିଷ୍କାର କରିଛନ୍ତି। ଏହାକୁ ଯୁବ ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି ବୋଲି ସଭାପତି ଲକ୍ଷ୍ମଣ ଚୌଧୁରୀ କହିଛନ୍ତି। ଶନିବାର ଯୁବ ବିଜେଡି ପକ୍ଷରୁ ଛତ୍ରପୁରରେ ପ୍ରଦୀପଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପ୍ରଦୀପ ପାଣିଗ୍ରାହୀ ବିଶ୍ୱାସରେ ବିଷ ଦେଇଛନ୍ତି। ସାହାଯ୍ୟ କରିବା ବାହାନାରେ ଖଣି, ବାଲି ଓ ମଦ ମାଫିଆମାନଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଣିଛନ୍ତି। ଏପରି କି କରୋନା ସମୟରେ ମଧ୍ୟ ଚାନ୍ଦା ଆଦାୟ କରିଥିବାରୁ ତାଙ୍କୁ ସମାଲୋଚନା କରାଯାଇଥିଲା। ଦଳରେ ଦୁର୍ନୀତିଗ୍ରସ୍ତଙ୍କ ସ୍ଥାନ ନାହିଁ । ଆଗାମୀ ଦିନରେ ଦଳ ଆହୁରି ମଜଭୁତ ହେବ ବୋଲି ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ କହିଥିଲେ । ପ୍ରଥମେ ଯୁବନେତା ତଥା ନରେନ୍ଦ୍ରପୁର ସମିତିସଭ୍ୟ ଜ୍ୟୋତି ରଞ୍ଜନ ସାହୁଙ୍କ ନେତୃତ୍ୱରେ ବାହାରିଥିବା ଏକ ବାଇକ୍ ଶୋଭାଯାତ୍ରା ଆସି ଛତ୍ରପୁରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ସେଠାରେ ବିଜୁବାବୁଙ୍କୁ ପୁଷ୍ପମାଲ୍ୟ ପ୍ରଦାନ ପରେ ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ନାରାବାଜି ଓ କୁଶପୁତ୍ତଳିକା ଦାହ କରାଯାଇଥିଲା। ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ରାଜ୍ୟ ଛାତ୍ର ସମ୍ପାଦକ ରାମହରି ମହାରଣା, ଜିଲାପରିଷଦ ସଭ୍ୟ ଏସ୍.କିଶୋର ରେଡ୍ଡୀ ଓ ପ୍ରମୋଦ ପ୍ରଧାନ, ସରପଞ୍ଚ ପୀତାମ୍ବର ପଣ୍ଡା, ଏସ୍. ଚକ୍ରପାଣି ରେଡ୍ଡୀ, ଟି.ନରସିଂହ ରେଡ୍ଡୀ, ଶରତ ଖୁଣ୍ଟିଆ, ଅଶୋକ ପାଣିଗ୍ରାହୀ, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷା ପ୍ରଦୋଷ ବେହେରା ପ୍ରମୁଖ ଏଥିରେ ସାମିଲ ଥିଲେ।

**ପ୍ରଦୀପଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ**



କୁଶ ପୁତ୍ତଳିକା ଦାହ କରାଯାଉଛି।

# ଗୋପାଳପୁର ବିଧାୟକଙ୍କ ଗଜପତି ଲିଙ୍କ୍‌ର ତଦନ୍ତ ଦାବି

ପାରଳାଖେମୁଣ୍ଡି,୫।୧୨(ଡି.ଏନ୍.ଏ.)

**ମୁଖ୍ୟମନ୍ତ୍ରୀଙ୍କୁ କଂଗ୍ରେସର ଦାବିପତ୍ର**

ନିଲମ୍ବିତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ କଳାଚିଠା ଖୋଳୁଛି କ୍ରାଇମବ୍ରାଞ୍ଚ। ଏନେଇ ତଦନ୍ତ ଚାଲିଥିଲେ ମଧ୍ୟ ଗଞ୍ଜାମ ଜିଲାରେ ସୀମିତ ରହିଯାଇଥିବା ଗଜପତି ଜିଲା କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ପ୍ରଦୀପଙ୍କର ଗଜପତି ଜିଲାରେ ବିଭିନ୍ନ ନେତାଙ୍କ ସହ ଲିଙ୍କ୍ ରହିଛି। ଏନେଇ ଯାଞ୍ଚ କରିବାକୁ ନଗର କଂଗ୍ରେସ ପକ୍ଷରୁ ସଭାପତି ବସନ୍ତ କୁମାର ପଣ୍ଡା ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଶନିବାର ପ୍ରଦାନ କରିଛନ୍ତି। ଗଜପତି ଜିଲାର ବହୁ ନେତା ତାଙ୍କ ଜରିଆରେ କୋଟିପତି ହୋଇଥିବା ପଣ୍ଡା ଅଭିଯୋଗ କରିଛନ୍ତି। ତେଣୁ ଗଜପତି ଜିଲାରେ ମଧ୍ୟ ଯାଞ୍ଚ କଲେ ବହୁ ଦୁର୍ନୀତିର ପର୍ଦ୍ଦାଫାଶ ହେବ ବୋଲି ସେ ଦାବି କରିଛନ୍ତି।

## କ୍ୟାମ୍ପସ୍ ଚୟନରେ ଆଇଟିଆଇ ଛାତ୍ରୀଛାତ୍ରଙ୍କ ସଫଳତା

ବ୍ରହ୍ମପୁର ଅଫିସ୍,୫।୧୨

ସୁଜୁକି ମୋଟର୍ସ ପକ୍ଷରୁ ବ୍ରହ୍ମପୁର ସରକାରୀ ଆଇଟିଆଇରେ ଶନିବାର ଆରମ୍ଭ ହୋଇଥିବା ଦିନିକିଆ କ୍ୟାମ୍ପସ୍ ଚୟନ ପ୍ରକ୍ରିୟାରେ ଶିକ୍ଷାନୁଷ୍ଠାନର ୪୬୦ ଛାତ୍ରୀଛାତ୍ର ଚୟନ ହୋଇଛନ୍ତି। ଗୁଜରାଟର ସୁଜୁକି ମୋଟର୍ସ ମାସିକ ୧୯ ହଜାର ୪୦୦ ଟଙ୍କା ବେତନରେ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛି। ଶନିବାର ଚୟନ ପ୍ରକ୍ରିୟାରେ ଆଇଜର ନିର୍ଦ୍ଦେଶକ ପ୍ରଫେସର କେ.ଭି. ଆଚାରୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଗୋବିନ୍ଦ ଜେ. ଚକ୍ରପାଣି, ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ଅଧ୍ୟକ୍ଷ ରଞ୍ଜନ କୁମାର ସ୍ୱାଇଁ, ଏମ୍ପ୍ଲୟମେଣ୍ଟ ସହ ନିର୍ଦ୍ଦେଶକ ଆର୍.ଏମ୍.କିଲାନୀ, ଆଇଆରଇ ଭାରପ୍ରାପ୍ତ ଜେନେରାଲ ମ୍ୟାନେଜର ଜେ.ଏମ୍. ଷଡ଼ଙ୍ଗୀ ଓ ଆଇଟିଆଇ ଅଧ୍ୟକ୍ଷ ରଜତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅରୁଣ ସ୍ତମ୍ଭ ପ୍ରତିଷ୍ଠା

କାଶୀନଗର,୫।୧୨(ଡି.ଏନ୍.ଏ.)

କାଶୀନଗର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା କାଶୀ ବିଶ୍ୱନାଥ ଶିବମନ୍ଦିର ପରିସରରେ ଶନିବାର ଅରୁଣ ସ୍ତମ୍ଭ ପ୍ରତିଷ୍ଠା ହୋଇଛି। କୋଭିଡ୍ ନିୟମ ପାଳନ କରି ଏହି କାର୍ଯ୍ୟକ୍ରମ ହୋଇଛି। ସକାଳେ ହୋମଯଜ୍ଞ ହୋଇଥିଲା । କର୍ତ୍ତାଭାବେ ଏନଏସିର ଜେଇ ରାଧାମୋହନ ରାଏ, ତାଙ୍କ ସ୍ତ୍ରୀ ତପସ୍ୱିନୀ ରହିଥିବା ବେଳେ ମହେଶ କୁମାର ପୂଜକ ଦାୟିତ୍ୱ ତୁଲାଇଥିଲେ ।

## ପ୍ରଦୀପଙ୍କୁ ବହିଷ୍କାର ଠିକ୍ ନିଷ୍ପତ୍ତି

ପାରଳାଖେମୁଣ୍ଡି,୫।୧୨(ଡି.ଏନ୍.ଏ.)

ଯେଉଁ ବ୍ୟକ୍ତିଙ୍କୁ ଅଧିକ ବିଶ୍ୱାସ କରୁଥିଲେ ମୁଖ୍ୟମନ୍ତ୍ରୀ, ସେହିଁ ଦଳର ମୁଖିଆ, ଦଳ ଓ ଜନସାଧାରଣଙ୍କ ବିଶ୍ୱାସରେ ବିଷ ଦେଇ ପଛରୁ ଛୁରି ମାରିବା ପରି କାର୍ଯ୍ୟ କରିଛନ୍ତି। ଯେଉଁଥିପାଇଁ ଏବେ ପଦାରେ ପଡି ହଟହଟା ହେଉଛନ୍ତି ସାରା ରାଜ୍ୟରେ ବୋଲି ବିଜୁ ଜନତାଦଳ ରାଜ୍ୟ ସମ୍ପାଦକ ମାରୁତ ପାଳ କହିଛନ୍ତି। ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଗତ ୪ବର୍ଷ ଧରି ଗଜପତି ଜିଲା ଦାୟିତ୍ୱରେ ଥିବାବେଳେ ବିଜୁ ଜନତା ଦଳରେ ସମସ୍ତଙ୍କ ପ୍ରିୟପାତ୍ର ସାଜିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟତମ ବିଶ୍ୱସ୍ତ ପାଣିଗ୍ରାହୀଙ୍କର ଜିଲାର ପ୍ରଶାସନିକ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଦଳର ଜିଲାସ୍ତରୀୟ ନେତା, କର୍ମୀଙ୍କ ଠାରେ ବେଶ୍ ପ୍ରଭାବ ରହିଥିଲା। ଏହାସତ୍ତ୍ୱେ ସେ ଏପରି କାର୍ଯ୍ୟ କରିବାରୁ ଦଳରୁ ବହିଷ୍କାର ଓ ଜେଲ ହାଜତକୁ ପଠାଇ ମୁଖ୍ୟମନ୍ତ୍ରୀ ଠିକ୍ କରିଛନ୍ତି, ମୁଁ ଏହାକୁ ସ୍ୱାଗତ କରୁଛି ବୋଲି ପାଳ କହିଛନ୍ତି। ଏହି ନିଷ୍ପତ୍ତି ଯୋଗୁ ଦଳ ଜନସାଧାରଣ ପାଖରେ ଆହୁରି ଗ୍ରହଣୀୟ ହେବ ବୋଲି ସେ କହିଛନ୍ତି।

# ଅଦରକାରୀ ଜିନିଷରୁ ସୁନ୍ଦର ସାମଗ୍ରୀ


ଏନ୍‌ଏସି ଇଓ ସତ୍ୟ ସମ୍ପର୍ଣ୍ଣା ରାଉତଙ୍କ ଟେବୁଲରେ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ସାମଗ୍ରୀ।

ପାରଳାଖେମୁଣ୍ଡି,୫।୧୨(ଡି.ଏନ୍.ଏ.)

ଜନସଂଖ୍ୟା ବୃଦ୍ଧି ସହ ମଣିଷ ବ୍ୟବହାର କରୁଥିବା ସାମଗ୍ରୀରୁ ବାହାରୁଥିବା ବର୍ଜ୍ୟବସ୍ତୁ ପରିମାଣ ମଧ୍ୟ ବଢୁଛି। ଏଥିମଧ୍ୟରେ ପ୍ଲାଷ୍ଟିକ ଓ ପଲିଥିନ ନା ନଷ୍ଟ ହେଉଛି ନା ମାଟିରେ ମିଶୁଛି। ଯାହାକି ପରିବେଶ ପାଇଁ ଅସ୍ୱାସ୍ଥ୍ୟକର ଓ ଜୀବଜଗତ ପାଇଁ କାଳ। ତେବେ ଏହି ଅଦରକାରୀ ସାମଗ୍ରୀକୁ ବ୍ୟବହାର କରି ଯେ ବହୁ ସୁନ୍ଦର ସାମଗ୍ରୀ ତିଆରି କରାଯାଇପାରିବ ତାହା କରି ଦେଖାଇଛନ୍ତି ଗଜପତି ଜିଲା କାଶୀନଗର ଏନ୍‌ଏସି କର୍ମଚାରୀ।

କାଶୀନଗର ଏନ୍‌ଏସି କାର୍ଯ୍ୟାଳୟରେ ପ୍ରବେଶ କଲେ ଦାମୀ ସୌନ୍ଦର୍ଯ୍ୟ ସାମଗ୍ରୀ ବଦଳରେ ଦେଖିବାକୁ ମିଳେ ଅଦରକାରୀ ପ୍ଲାଷ୍ଟିକ୍ ଓ ପଲିଥିନ ଉପରେ ଉଲ୍, ଶୋଲ ଓ ରଙ୍ଗଦ୍ୱାରା ପ୍ରସ୍ତୁତ ବହୁ ସୁନ୍ଦର ସାମଗ୍ରୀ। ବିଭିନ୍ନ ଘରୁ ସକାଳୁ ବର୍ଜ୍ୟବସ୍ତୁ ସଂଗ୍ରହ କରି ସେଥିରେ ଫୁଲଦାନୀ, ପେନ୍‌ଷ୍ଟାଣ୍ଡ, ଝୁମର, ଫ୍ଲାୱାର ବୁକି ଆଦି କରୁଛନ୍ତି। ଏଠାରେ କାମକରୁଥିବା ୬ଜଣ ସ୍ୱଚ୍ଛସାଥୀ ଓ ୨ଜଣ ସ୍ୱଚ୍ଛସାଥୀ ସୁପରଭାଇଜର। ଏଥିପାଇଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଗୋଷ୍ଠୀ ସଙ୍ଗଠିକା ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେଉଛନ୍ତି। ମାତ୍ର ୩ଦିନ ପ୍ରଶିକ୍ଷଣ ନେଇ ଏପରି କରିଦେଖାଇଛନ୍ତି ସ୍ୱଚ୍ଛସାଥୀମାନେ। ଆଗାମୀ ଦିନରେ ଏହି କଳାର ବିକାଶ ସହ ଗଳିକନ୍ଦିରେ ମହିଳାଙ୍କୁ ପ୍ରଶିକ୍ଷଣ ଦେବାକୁ ଲକ୍ଷ ରଖିଥିବା କହିଛନ୍ତି ସ୍ୱଚ୍ଛସାଥୀ ଗୀତା ରଥ, ସୁପରଭାଇଜର ମମତାରାଣୀ ମିଶ୍ର ଓ ଗୋଷ୍ଠୀ ସଙ୍ଗଠିକା ଶାନ୍ତିଲତା ପଲେଇ ଓ ଅନ୍ୟମାନେ। ଡ୍ୟୁଟି ସରିବା ପରେ ଏସବୁ ପ୍ରସ୍ତୁତ କରୁଥିବା ସେମାନେ କହିଛନ୍ତି।

କାଶୀନଗର ଏନ୍‌ଏସିରୁ ବାହାରୁଥିବା ବର୍ଜ୍ୟବସ୍ତୁରୁ ପ୍ଲାଷ୍ଟିକ ଓ ପଲିଥିନ ସମେତ ସଂଗ୍ରହ ହେଉଥିବା ଗୋଟିଏ ଥର ବ୍ୟବହାର ଉପଯୋଗୀ ସାମଗ୍ରୀ କିପରି ପୁର୍ନବ୍ୟବହାର କରାଯାଇପାରିବ ସେହିଲକ୍ଷ ସମ୍ପର୍କରେ ଚିନ୍ତା କରୁକରୁ ଏହି ଆଇଡିଆ ଆସିଥିବା କହିଛନ୍ତି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ସମ୍ପର୍ଣ୍ଣା ରାଉତ।

## ଧାନ ଅମଳ ହେଲାଣି, ମଣ୍ଡି ଖୋଲୁନି

ଶେରଗଡ,୫।୧୨(ଡି.ଏନ୍.ଏ.)- ଶେରଗଡ଼ ବ୍ଲକର ବହୁ ପଞ୍ଚାୟତରେ ଧାନ ଅମଳ ହୋଇସାରିଲାଣି। ୧୫ ଦିନ ତଳୁ ଅମଳ ଯନ୍ତ୍ର ସାହାଯ୍ୟରେ ଚାଷୀ ଧାନ ଅମଳ କରି ବିଲରେ ଜଗିଛି। କାରଣ ଗତ ୧୦ଦିନ ତଳେ ଖିରିଡା ଅଞ୍ଚଳରେ ହାତୀପଲ ପଶି ପ୍ରାୟ ୧୦୦ ଏକର ଧାନ ଫସଲ ନଷ୍ଟ କରିଛନ୍ତି। ସାନଖେମୁଣ୍ଡି ବ୍ଲକରେ ହାତୀ ପଲ ଥିବା ଖବର ପାଇ ଚାଷୀ ଭୟଭିତ ଅଛନ୍ତି। ବ୍ଲକ ପକ୍ଷରୁ ଧାନମଣ୍ଡି ଖୋଲାଯାଇ ନଥିବାବେଳେ ତୁରନ୍ତ ବିଭିନ୍ନ ପଞ୍ଚାୟତରେ ମଣ୍ଡି ଖୋଲିବାକୁ ଚାଷୀମାନେ ଶନିବାର ବିଡିଓଙ୍କ ନିକଟରେ ଦାବି କରିଛନ୍ତି।

# ଟ୍ୟୁଶନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମିଳୁନି ଦରମା

ବାଲିଗୁଡ଼ା,୫।୧୨(ଡି.ଏନ୍.ଏ.)

କନ୍ଧମାଳ ଜିଲାର ବେକାର ଶିକ୍ଷିତ ଯୁବତୀ ଯୁବକମାନେ ଗତ ଅଗଷ୍ଟ ୨୦୧୯-୨୦୨୦ ଅଗଷ୍ଟ ପର୍ଯ୍ୟନ୍ତ ଏକ ଏନ୍‌ଜିଓରେ କାର୍ଯ୍ୟରତ ଥିଲେ। ଏନ୍‌ଜିଓ ମାଧ୍ୟମରେ ସେମାନେ ଗାଁ ଗାଁ ବୁଲି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ପାଠ ପଢ଼ାଉଥିଲେ। ଏଥିପାଇଁ ଗୋଟିଏ ଟ୍ୟୁଶନ ସେଣ୍ଟରରେ ଶିକ୍ଷକ ନିଯୁକ୍ତି କରି ପିଲାମାନଙ୍କୁ ଶିକ୍ଷା ଦିଆଯାଉଥିଲା। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୫୭୦ ଟ୍ୟୁଶନ କେନ୍ଦ୍ରରେ ପ୍ରାୟ ୪୯ ହଜାର ୭୦୯ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ, ୩୩ ସୁପରଭାଇଜର ଓ ୮ଜଣ ବ୍ଲକ ଅଫିସରଙ୍କ ଦ୍ୱାରା ନିରୀକ୍ଷକ କରାଯାଇଥିଲା। ଏନ୍‌ଜିଓ ପକ୍ଷରୁ ଖାତା, କଲମ, କଳାପଟା ପିଲାମାନଙ୍କୁ ପ୍ରଦାନ କରାଯାଇଥିଲା। ମାଗଣାରେ ଶିକ୍ଷା ଦିଆଯିବାକୁ ନିୟମ ଥିଲେ ମଧ୍ୟ ବିପିଏଲ ଛାତ୍ରୀଛାତ୍ରଙ୍କଠାରୁ ୬୮ଟଙ୍କା ଓ ଏପିଏଲ୍ ପିଲାଙ୍କଠାରୁ ୭୨ ଟଙ୍କା ଲେଖାଏ ମୋଟ ୩୩ ଲକ୍ଷ ୮୦ ହଜାର ୨୧୨ ଟଙ୍କା ଆଦାୟ ହୋଇ ଜିଲା କାର୍ଯ୍ୟାଳୟ ଘୁ.ଉଦୟଗିରିରେ ଜମା କରାଯାଇଥିଲା। ଏହି ପ୍ରୟାସ ସଂସ୍ଥାର ତତ୍ତ୍ୱାବଧାନରେ ଥିବା ଅଧିକାରୀମାନେ କାର୍ଯ୍ୟରତ ଥିବା ଶିକ୍ଷକ, ଶିକ୍ଷୟିତ୍ରୀ, ସୁପରଭାଇଜର ଓ ବିଇଓଙ୍କୁ ବାରମ୍ବାର ପ୍ରତିଶ୍ରୁତି ଦେଇ ଦରମା ଠିକ ଭାବେ ନ ଦେଇ ଠକୁଥିବା ଅଭିଯୋଗ ହୋଇଛି। ପିଲାମାନଙ୍କଠାରୁ ଆଦାୟ ଟଙ୍କାରୁ ଅଫିସ ବାବଦରେ ଖର୍ଚ୍ଚ ଆଳରେ ବ୍ୟକ୍ତିଗତ ଖର୍ଚ୍ଚରେ ଲୁଟିଛନ୍ତି ବୋଲି ମତ ପ୍ରକାଶ ପାଇଛି। ବର୍ତ୍ତମାନ ଘୁଉଦୟଗିରିରେ ଆଉ ଅଫିସ୍ ନାହିଁ। ଉକ୍ତ ସଂସ୍ଥାରେ କାର୍ଯ୍ୟରତ ଥିବା ଶିକ୍ଷୟିତ୍ରୀ, ଶିକ୍ଷକ, ସୁପରଭାଇଜର ଓ ବିଇଓମାନେ ୧ ବର୍ଷ ହେଲା ଦରମା ନ ପାଇ ବହୁ ଅସୁବିଧା ଭୋଗୁଛନ୍ତି। ଦରମା ମାଗିଲେ ଜିଲାରୁ ଟଙ୍କା ଆସିନାହିଁ ବୋଲି କୁହାଯାଉଛି। ଏ ନେଇ ସେମାନେ ଶୁକ୍ରବାର ଜିଲାପାଳ ଡ.ବୃନ୍ଦା ଡିଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦରମା ସହିତ ପିଲାମାନଙ୍କର ରେଜିଷ୍ଟ୍ରେଶନ ଫି ଦିଆ ନ ଗଲେ ଆଇନ୍‌ର ଆଶ୍ରୟ ନେବେ ବୋଲି ସମସ୍ତେ କହିଛନ୍ତି।

# ପିଇବା ପାଣି ପାଇଁ ଡହଳବିକଳ ଚିରିକିପଡ଼ାବାସୀ

ବୁଗୁଡ଼ା,୫।୧୨(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ଲୋକଙ୍କୁ ପିଇବା ପାଣି ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ସରକାରଙ୍କ ବସୁଧା ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ରକ୍ଷଣା ବେକ୍ଷଣ ଅଭାବ ସାଙ୍ଗକୁ ପ୍ରଶାସନର ଆନ୍ତରିକତା ଅଭାବରୁ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ୍ୟ ଲୋକଙ୍କୁ ବୁନ୍ଦାଏ ପାଣି ମିଳୁନି। ଏହା ଦେଖିବକୁ ମିଳିଛି ବୁଗୁଡ଼ା ବ୍ଲକ ଗୋଲିଆ ପଞ୍ଚାୟତ ଚିରିକିପଡା ଗ୍ରାମରେ। ଏଠି ଓଭର ହେଡ଼ ଟାଙ୍କି ନିର୍ମାଣ ହୋଇଛି। ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ସାଙ୍ଗକୁ ଘରୋଇ ସଂଯୋଗ ଦିଆଯାଇଛି। ହେଲେ ଗତ ୯ ମାସ ହେଲା ପାଣି ଆସୁ ନ ଥିବାରୁ ପିଇବା ପାଣି ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପାଣି ଟାଙ୍କି ଉପରେ ଚିରିକିପଡ଼ା, ସୀତାରାମପଲ୍ଲୀ ଓ ଡିମ୍ବିରିସାହି ଆଦି ଗ୍ରାମ ଗୁଡିକର ପ୍ରାୟ ଦୁଇ ହଜାର ଲୋକ ନିର୍ଭର କରୁଛନ୍ତି। କିନ୍ତୁ ଟାଙ୍କି ପ୍ରତିଷ୍ଠା ହେବା ଦିନରୁ ମଝିରେ ମଝିରେ ଏମିତି ଦୀର୍ଘ ଦିନ ଯାଏ ପାଣି ଆସୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ବସୁଧା ଯୋଜନାରେ ସୀତାରାମପଲ୍ଲୀଠାରେ ୨୦୧୬ରେ ୭୫ ହଜାର ଲିଟର କ୍ଷମତା ବିଶିଷ୍ଟ ଏହି ପାଣି ଟାଙ୍କି ନିର୍ମାଣ କରାଯାଇ ଜଳ ଯୋଗାଣ ଆରମ୍ଭ ହୋଇଥିଲା। ୪ ବର୍ଷ ମଧ୍ୟରେ ତିନି ଥର ଜଳ ଯୋଗାଣ ବାଧାପ୍ରାପ୍ତ ହେଲାଣି। ଦୀର୍ଘ ମାସ ହେଲା ପାଣି ବନ୍ଦ ହୋଇ ରହିବା ସହ ପାଇପ ଲାଇନ ଗୁଡିକ ବିଭିନ୍ନ ସ୍ଥାନରେ ଫାଟି ଯାଇଥିବା ବେଳେ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ମଧ୍ୟ ଲଟା ବୁଦା ମାଡ଼ିଯାଇ ଖରାପ ହେବାକୁ ବସିଲାଣି। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନ ଥିବା କହିଛନ୍ତି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏ. ରାମା ରାଓଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଟେଣ୍ଡର ବାହାର କରାଯାଇ କାମ ଆରମ୍ଭ ହେବ ବୋଲି କହିଛନ୍ତି।


ଅଚଳ ହୋଇଥିବା ପ୍ରକଳ୍ପ।

## ସଂକ୍ଷେପରେ

### ମୃତକ ପରିବାରକୁ ସହାୟତା କଲେ ବିଧାୟକ

ପୋଲସରା,୫।୧୨(ଡି.ଏନ.ଏ.)- ପୋଲସରା ଏନ୍ଏସି ଖଣ୍ଡିଆସାହି ୭ ନଂ. ୱାର୍ଡର ସୁଦର୍ଶନ ଡାଙ୍ଗୁଆଙ୍କ ଏକ ସପ୍ତାହ ତଳେ ପାଣିରେ ବୁଡି ମୃତ୍ୟୁ ଘଟିଥିଲା। ଉକ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଶୋକ ସନ୍ତପ୍ତ ପରିବାରକୁ ଭେଟି ଆର୍ଥିକ ସାହାଯ୍ୟ ପ୍ରଦାନ କରିଛନ୍ତି। ସୁଦର୍ଶନ ପରିବାରର ଏକ ମାତ୍ର ରୋଜଗାରିଆ ହୋଇଥିବା ବେଳେ ଠେଲା ଗାଡ଼ିରେ ପନିପରିବା ବିକି ସ୍ତ୍ରୀ ଓ ଦୁଇ ପୁଅଙ୍କୁ ବହୁ କଷ୍ଟରେ ଚଳାଇ ଆସୁଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଅସୁବିଧା ଭୋଗୁଥିବା ଦେଖି ଆର୍ଥିକ ସହାୟତା ଯୋଗାଇ ଦେବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ନଗର ଯୁବ ବିଜେଡି ସଭାପତି ଗୋପାଳ କୃଷ୍ଣ ସାହୁ, ସମ୍ପାଦକ ବାବୁଲି ପଟ୍ଟନାୟକ, ରଘୁନାଥ ପ୍ରଧାନଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ଅଙ୍ଗନୱାଡି ଶିଶୁଙ୍କୁ ଶୀତବସ୍ତ୍ର ବଣ୍ଟନ

ଖଲ୍ଲିକୋଟ,୫।୧୨(ଡି.ଏନ.ଏ.)-ଖଲ୍ଲିକୋଟ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ପଥରା ମଣ୍ଡଳର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଶନିବାର ଶିଶୁମାନଙ୍କୁ ଶୀତ ପୋଷାକ, ଜୋତା ଓ ମୋଜା ପ୍ରଦାନ କରାଯାଇଛି। ଖଲ୍ଲିକୋଟ ସିଡିପିଓ ଅଂଶୁପା ସାହୁ, ପରିଦର୍ଶିକା ମଞ୍ଜୁଲତା ତ୍ରିପାଠୀ, ଶଶିଦେବୀଙ୍କ ଉପସ୍ଥିତିରେ ପୋଷାକ ବିତରଣ କରାଯାଇଥିଲା। ପରେ ଖଲ୍ଲିକୋଟର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଶୀତବସ୍ତ୍ର ପ୍ରଦାନ କରାଯିବ ବୋଲି ସିଡିପିଓ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କେନ୍ଦ୍ରର ସମସ୍ତ ଶିଶୁ ଏବଂ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଅଙ୍ଗନୱାଡି କର୍ମୀ ଏହାକୁ ପରିଚାଳନା କରିଥିଲେ।

### ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର,୫।୧୨-କବିସୂର୍ଯ୍ୟନଗର ବ୍ଲକ ବଡ଼ମହୁରୀ ପଞ୍ଚାୟତରେ ମୋ ଗାଁ, ମୋ ତହସିଲ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତହସିଲଦାର ପ୍ରକାଶ କୁମାର ମିଶ୍ର, ବିଧାୟିକା ଲତିକା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ରାଜସ୍ୱ ନିରୀକ୍ଷକ ସୁନିତା ସେଠୀ, କ୍ଷେତ୍ର ପରିଦର୍ଶକ ସୁଦାମ ସେଠୀ, ସରପଞ୍ଚ ଓ ରାଜସ୍ୱ ବିଭାଗ କର୍ମଚାରୀ ଉପସ୍ଥିତ ରହି ପଞ୍ଚାୟତବାସୀଙ୍କୁ ସରକାରୀ ସୁବିଧା ପ୍ରଦାନ କରିଥିଲେ। ଘରବାରି ପଟ୍ଟା, ବିବିଧ ପ୍ରମାଣପତ୍ର, ଗ୍ରାମକଣ୍ଟକ ପଟ୍ଟା ଓ ବିଭିନ୍ନ ମାମଲାର ସମାଧାନ କରାଯାଇଥିଲା।

### ବିଧାୟିକାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ

କବିସୂର୍ଯ୍ୟନଗର,୫।୧୨-କବିସୂର୍ଯ୍ୟନଗର ବ୍ଲକ ଆସିକା ନିର୍ବାଚନ ମଣ୍ଡଳୀ ବୋଲସର ଓ ସୁନାପଲ୍ଲୀଠାରେ ଦେଢ଼କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁଇଟି ପାନୀୟ ଜଳ ପ୍ରକଳ୍ପ ନିର୍ମିତ ହେବ। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଶୁକ୍ରବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବୋଲସରଠାରେ ଶତ ପ୍ରତିଶତ ପାନୀୟ ଗ୍ରାମ୍ୟ ଜଳ ପରିମଳ ଯୋଜନାରେ ପ୍ରାୟ ୬୧ ଲକ୍ଷ ବ୍ୟୟରେ ନିର୍ମିତ ହେବାକୁ ଥିବା ଜଳ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସେହିପରି ବିଧାୟିକା ସୁନାପଲ୍ଲୀରେ ଏବଂ ସୁନାପଲ୍ଲୀ ପାଣସାହିରେ ସନ୍ତୋଷୀ ମା ମନ୍ଦିରର ୯୭ ଲକ୍ଷ ବ୍ୟୟରେ ହେବାକୁ ଥିବା ପାନୀୟ ଜଳ ପ୍ରକଳ୍ପର ଶୁଭ ଦେଇଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଯୁବନେତା ବ୍ରଜସୁନ୍ଦର ମଲ୍ଲିକ, ସତ୍ୟବାନ ସାହୁ, ଆସିକା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟ ପରିଡ଼ା, ଆସିକା ନଗର ବିଜେଡି ସଭାପତି ସତ୍ୟ ନାରାୟଣ ସ୍ୱାଇଁ, ସରପଞ୍ଚ ଶିବ ନାହାକ, କୁନି ସ୍ୱାଇଁ, ସମିତିସଭ୍ୟ ବଳରାମ ପରିଡ଼ା, ବିଡିଓ ବାସୁଦେବ ନାୟକ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ ଦାସ ଉପସ୍ଥିତ ଥିଲେ। ସୁନାପଲ୍ଲୀଠାରେ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ସରପଞ୍ଚ ବିପ୍ର ଚରଣ ଦାସ, ଆସିକା ଜିଲା ପରିଷଦ ରାଜେଶ ପଟ୍ଟନାୟକ ପ୍ରମୁଖ ଥିଲେ।

# ଚାଷ ବୃଦ୍ଧି ନେଇ ପ୍ରସ୍ତୁତ ହେବ ଖସଡ଼ା

ଛତ୍ରପୁର,୫।୧୨(ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଗଞ୍ଜାମ ଜିଲାରେ ଚଳିତ ୨୦୨୦-୨୧ ଆର୍ଥିକ ବର୍ଷରେ ରବିଚାଷ ସକାଶେ ଜିଲାସ୍ତରୀୟ କୃଷି ରଣନୀତି ବୈଠକ ଶନିବାର ଜିଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲାର ୮୫ ପ୍ରତିଶତ ଲୋକ ଚାଷ କାର୍ଯ୍ୟ ଉପରେ ନିର୍ଭର କରନ୍ତି। ତେଣୁ କୃଷିକାର୍ଯ୍ୟ ସକାଶେ ବ୍ୟାବହାରିକ (ପ୍ରାକ୍ଟିକାଲ) ଭାବେ ଆମକୁ କୃଷକମାନଙ୍କ ସ୍ତରରେ ରହି ଚିନ୍ତା କରିବା ଆବଶ୍ୟକ। କୃଷି ରଣନୀତି ପ୍ରସ୍ତୁତ କରିବା ପରେ ଚାଷୀ କ'ଣ ଚାଷ କରୁଛନ୍ତି, ଚାଷ ପାଇଁ କି ସୁବିଧାମାନ ରହୁଛି, ସେଠାର ପାଣିପାଗ, ମାଟିର ଉର୍ବରତା, ଜଳର ସ୍ଥିତି, କିପରି ଚାଷ ବୃଦ୍ଧି ହେବ ଆଦି ପରୀକ୍ଷା ନିରୀକ୍ଷା କରି ଉନ୍ନତମାନର ଚାଷକାର୍ଯ୍ୟ ସକାଶେ ଆବଶ୍ୟକୀୟ ସରଞ୍ଜାମ ଉପଲବ୍ଧି କରିବା ଜରୁରୀ। ସେହିପରି କୃଷକଙ୍କ ଉତ୍ପାଦିତ ଦ୍ରବ୍ୟ କିପରି ବିକ୍ରିବଟା ହୋଇପାରିବ, ସେମାନଙ୍କ ଲାଭ ଦ୍ୱିଗୁଣିତ ହେବ ଏ ସବୁ ବିଷୟକୁ ଆଧାର କରି କୃଷି ରଣନୀତି ହେବା ଜରୁରୀ। ବର୍ତ୍ତମାନ ସ୍ଥିତିରେ ଗ୍ରାମ ପଞ୍ଚାୟତକୁ ନେଇ ଗୋଟିଏ ଗୋଟିଏ ୟୁନିଟ କରିବା, ଚାଷର ପରିମାଣ ବୃଦ୍ଧି ପାଇଁ ଖସଡ଼ା ପ୍ରସ୍ତୁତି କରିବାକୁ ଜିଲାପାଳ କହିଛନ୍ତି। ଚାଷୀ ଧାନ, ମତ୍ସ୍ୟ, ଛତୁଚାଷ, ଉଦ୍ୟାନ କୃଷି, ଗାଈ ଫାର୍ମ ଯାହାବି କରନ୍ତୁ, ସେଥି ସକାଶେ କି ଭିତ୍ତିଭୂମି ରହିଛି, ଆର୍ଥିକ ସ୍ଥିତି କ'ଣ ରହିଛି ସେସବୁକୁ ଆଧାର କରି ଯୋଜନା ପ୍ରସ୍ତୁତ କରିବାକୁ ହେବ। ବ୍ଲକସ୍ତରରେ ପ୍ରଥମ ବୈଠକ କରି ଆସନ୍ତା ୧୫ ତାରିଖ ସୁଦ୍ଧା ଯୋଜନା ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଛତୁ ଚାଷ ସକାଶେ ଜିଲାର ପାଣିପାଗ ଅତି ଉତ୍ତମ। ଯେଉଁମାନେ ଛତୁଚାଷ କରୁଛନ୍ତି ସେମାନେ ଅଧିକ ଲାଭ ପାଉଛନ୍ତି। ପ୍ରୋତ୍ସାହନ ପାଇଲେ ସେମାନେ ଅନ୍ୟ ଜିଲାକୁ ମଧ୍ୟ ଛତୁ ଯୋଗାଇବାରେ ସକ୍ଷମ ହେବେ। ସୌର ଜଳନୀତିର ପ୍ରଚାର ପ୍ରସାର କଲେ ଚାଷକାର୍ଯ୍ୟ ପାଇଁ ଜଳ ଅଭାବ ରହିବ ନାହିଁ ବୋଲି ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ୨୦୨୦ ଖରିଫ ଋତୁରେ ୨,୧୫,୦୦୦ ହେକ୍ଟର ଜମିରେ ଧାନଚାଷ ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ୨,୧୨,୧୨୪ ହେକ୍ଟର ଜମିରେ ଧାନ ହୋଇପାରିଛି। ସେହିଭଳି ୧,୯୩,୦୪୭ ହେକ୍ଟର ଜମିରେ ଅଣଧାନ ଲକ୍ଷ୍ୟ ରଖାଯାଇଥିବା ସ୍ଥଳେ ୧,୯୩,୮୧୫ ହେକ୍ଟର ଜମିରେ ଅଣଧାନ ହୋଇଛି। ଯାହାକି ଶତକଡା ୯୯.୧୧ ପ୍ରତିଶତ। ଘରୋଇ ବିହନ ଡିଲର୍ ଏବଂ ପ୍ୟାକ୍ସ ମାଧ୍ୟମରେ ୫୦,୭୭୬.୧୦ କୁଇଣ୍ଟାଲ ଧାନ ଯୋଗାଇ ଦିଆଯାଇଥିବା ବୈଠକରେ କୁହାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷର ରବି ଫସଲ ନିମନ୍ତେ ୧୮୫୫ ହେକ୍ଟରରେ ଶସ୍ୟ ଜାତୀୟ, ୧୫୧୧୯୫ ହେକ୍ଟରରେ ଡାଲିଜାତୀୟ, ୧୬୫୦୦ ହେକ୍ଟରରେ ତୈଳବୀଜ, ୩୪୧୩୦ ହେକ୍ଟରରେ ପନିପରିବା ଜାତୀୟ, ୪୩୫୦ ହେକ୍ଟରରେ ମସଲା ଜାତୀୟ, ୨୬୭୫ ହେକ୍ଟରରେ ଆଖୁ ଏଭଳି ସମୁଦାୟ ୨,୧୦,୭୦୫ ହେକ୍ଟର ଜମିରେ ଚାଷ କରିବା ନେଇ ଲକ୍ଷ୍ୟ ରଖାଯାଇଛି। ବୈଠକରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଜିଲା ମୁଖ୍ୟ କୃଷି ଅଧିକାରୀ ଭାସ୍କର ପାଢୀ, ଜିଲା କୃଷି ଅଧିକାରୀ ଏ. ସତ୍ୟ ନାରାୟଣ ରାଓ, ଅତିରିକ୍ତ ଜଲାପାଳ ନାବାର୍ଡ ଏସ.ଏସ. ସାହୁ, ଆର୍ଏମସି ଦିଗପହଣ୍ଡିର ସମ୍ପାଦକ ଅରୁଣ କୁମାର ମିଶ୍ର, ଆର୍ଏମସି ଭଞ୍ଜନଗର ସଂପାଦକ ଦୀନବନ୍ଧୁ ଗୌଡ ଏବଂ କୃଷି ବିଭାଗୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

- ଛତୁ ଚାଷ ପାଇଁ ଦିଆଯିବ ପ୍ରୋତ୍ସାହନ
- ୨.୧୦ ଲକ୍ଷ ହେକ୍ଟରରେ ରବି ଫସଲ ଲକ୍ଷ୍ୟ

# ୪ କେଜି ସୁନା, ୨୩୫ କେଜି ରୁପା ଅଳଙ୍କାର ଜବତ

## ତାମିଲନାଡୁରୁ ବ୍ରହ୍ମପୁର ସୁନା ଚାଲାଣ

ବ୍ରହ୍ମପୁର ଅଫିସ,୫।୧୨



ବ୍ରହ୍ମପୁର ଗୋଷାଣୀ ନୂଆଗାଁ ପୋଲିସ ଶନିବାର ଅନ୍ଧପସରା ରୋଡ୍‌ରେ ଗାଡିମୋଟର ଯାଞ୍ଚ ବେଳେ ଏକ ଗହଣା ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ୍ କରିଛି। ଏକ କାରରୁ ୪କେଜି ସୁନା ଓ ୨୩୫ କେଜି ରୁପା ଅଳଙ୍କାର ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଅଟକ ରଖିଛି। ଅଳଙ୍କାରର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଟିକସ ଫାଙ୍କି ଏହା ଚାଲାଣ କରାଯାଉଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଜିଏସ୍‌ଟି ବିଭାଗକୁ ଖବର ଦିଆଯାଇଥିବା ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗୋଷାଣିନୂଆଗାଁ ପୋଲିସ ଶନିବାର ରାତିରେ ଅନ୍ଧପସରା ରୋଡ୍‌ରେ ବ୍ଲକିଂ କରି ଗାଡି ଯାଞ୍ଚ କରୁଥିଲା। ଏହି ସମୟରେ ତାମିଲନାଡୁ ରେଜିଷ୍ଟ୍ରେସନ ନମ୍ବର ଥିବା ଏକ କାର ହଳଦିଆପଦର ଓଭରବ୍ରିଜ ଦେଇ ବ୍ରହ୍ମପୁର ସହରକୁ ପ୍ରବେଶ କରିଥିଲା। ପୋଲିସ କାର୍‌କୁ ଅଟକାଇ ଯାଞ୍ଚବେଳେ ସୁନା ଓ ରୁପା ଅଳଙ୍କାର ଭର୍ତ୍ତି ବ୍ୟାଗ ମିଳିଥିଲା। କାର୍‌ରେ ବସିଥିବା ୩ ଯୁବକ ଗହଣାର କୌଣସି କାଗଜପତ୍ର ଦେଖାଇ ପାରି ନଥିଲେ। ସନ୍ଦେହ ହେବାରୁ ପୋଲିସ ଅଳଙ୍କାର ବ୍ୟାଗ ଗୁଡିକୁ ଜବତ କରିବା ସହ ୩ଜଣଙ୍କୁ ଥାନାକୁ ଆଣିଥିଲା। ଯୁବକମାନେ ତାମିଲନାଡୁର ବୋଲି ଜଣାପଡିଛି। ତେବେ ଏମାନେ କେଉଁ ବ୍ୟବସାୟୀଙ୍କ ନିକଟକୁ ଏତେ ପରିମାଣର ଅଳଙ୍କାର ନେଇ ଯାଉଥିଲେ ତାହା ସ୍ପଷ୍ଟ ହୋଇ ନାହିଁ। ଏନେଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ସୋରେନ ସୂଚନା ଦେଇଛନ୍ତି।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

ଭଞ୍ଜନଗର,୫।୧୨(ଡି.ଏନ.ଏ)


ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସମୀକ୍ଷା କରୁଛନ୍ତି।

ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଶନିବାର ଭଞ୍ଜନଗର ବ୍ଲକ ଓ ଏନ୍ଏସିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏନ୍ଏସିର ବିଭିନ୍ନ ରାସ୍ତା, ଡ୍ରେନ୍ କିଭଳି ଆଧୁନିକିକରଣ ହେବ, ବସ୍ତିବାସିନ୍ଦାଙ୍କ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସୁବିଧା କିଭଳି ପହଞ୍ଚିପାରିବ ସେ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ସେହିଭଳି ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ମନ୍ଥର ଗତିରେ ଚାଲିଥିବା ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଭଞ୍ଜନଗର ଉତ୍ତରଘୁମୁସର ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡରେ ହେବାକୁ ଥିବା ପରିବେଶ ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ। ଉତ୍ତର ଘୁମୁସର ବନଖଣ୍ଡର ବଦାଙ୍ଗି ଓ ଦୋମୁହାଣିରେ ୧୧ ତାରିଖରେ ପରିବେଶ ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ହେବ। ଉକ୍ତଦିନ ବିଭିନ୍ନ ଉଦ୍‌ଘାଟନ କାର୍ଯ୍ୟକ୍ରମ ମଧ୍ୟ ରହିଛି।

୧୮ ତାରିଖରେ ଦୁର୍ଗାପ୍ରସାଦ, ରମ୍ଭା, ଦଦରାଲୁଣ୍ଡାରେ ଏହି କାର୍ଯ୍ୟକ୍ରମ ହେବ। ଭଞ୍ଜନଗର ସହରକୁ ଦୈନନ୍ଦିନ ଆସୁଥିବା ଲୋକେ ଯାନବାହନ ରଖିବାରେ ସମସ୍ୟା ହେଉଛି। ପାର୍କିଂ ପାଇଁ ଥିବା ସ୍ଥାନ ଜବରଦଖଲ ହୋଇଛି। ଏନେଇ ପ୍ରଶାସନ ପାଖରେ ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ତେଣୁ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବୈଠକରେ ଆଲୋଚନା ହୋଇଥିଲା। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବିଡିଓ ଅନିଲ କୁମାର ସେଠୀ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟନାରାୟଣ ବେହେରା, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ଏନଏସି ବସ୍ତି ଅଞ୍ଚଳ ସଂଯୋଜକ ଶୁଳପାଣି ଶତପଥୀ, ପଞ୍ଚାନନ ପାଳ, ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଆଚାର୍ଯ୍ୟ, ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ, ସୁଶାନ୍ତ ସାହୁ, ରାଜା ସାହୁ, କୃଷ୍ଣ ସ୍ୱାଇଁ, ରେଞ୍ଜର ଉମାକାନ୍ତ ଦାସ, ଫକୀର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକଙ୍କ ପରଲୋକ

### କଳାକାର ସଂଘର ଶୋକ

କବିସୂର୍ଯ୍ୟନଗର,୫।୧୨

କବିସୂର୍ଯ୍ୟନଗର ବଡ଼ଚଢ଼ିଆପଡ଼ା ଗ୍ରାମର ଶିକ୍ଷକ ବିଜୟ କୁମାର ସାହୁଙ୍କ ଶ୍ୱାସଜନିତ ରୋଗ ହେତୁ ନିଜ ବାସଭବନରେ ପରଲୋକ ଘଟିଛି। ସେ ଜଣେ ଆଦର୍ଶ ଶିକ୍ଷକ, ନାଟ୍ୟ ନିର୍ଦ୍ଦେଶକ, କଳାକାର, କବି ଭାବେ ଅଞ୍ଚଳରେ ଖ୍ୟାତି ଲାଭ କରିଥିଲେ। ତାଙ୍କ ବିୟୋଗରେ ଶିକ୍ଷା, ସାହିତ୍ୟ, କଳା ଓ ଧାର୍ମିକ ମହଲରେ ଶୋକର ଛାୟା ଖେଳିଯାଇଛି। କଳାକାର ସଂଘ, ଦାସକାଠି ସଂଘ, ଶିକ୍ଷକ ସଂଘ, ନାମ ସଂକିର୍ତ୍ତନ ଦଳ ପକ୍ଷରୁ ଶିକ୍ଷକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା।

# ୭ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ପିଡି

ଶେରଗଡ,୫।୧୨(ଡି.ଏନ୍.ଏ.)

ଶେରଗଡ ବ୍ଲକକୁ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ଶନିବାର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ କରଡକଣା ଉଚ୍ଚ ବିଦ୍ୟାଳୟ, ବରମୁଣ୍ଡଲୀଠାରେ ଥିବା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, ବନ୍ଧାଗୁଡା ଜଗନ୍ନାଥ ବିଦ୍ୟାପୀଠ, ଖିରିଡା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, ଧବଳପୁର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ, ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ଓ ଶେଷରେ ଅଲରିଗଡ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଫେରିଛନ୍ତି। ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟରେ ଶ୍ରେଣୀଗୃହ, ବିଜ୍ଞାନାଗାର, ପାଠଗାର, ଖେଳପଡିଆର ସ୍ଥିତି ଦେଖିଥିଲେ। ଏହାପରେ ବିଦ୍ୟାଳୟ ପରିବେଶ ସଜାଡିବା ସହ ସିସିଟିଭି, କମ୍ପ୍ୟୁଟରୀକରଣ ପ୍ରତି ନଜର ଦେବାକୁ ବ୍ଲକ ପ୍ରଶାସନ ଓ ବିଦ୍ୟାଳୟର କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଯେପରି ଉଚ୍ଚ ବିଦ୍ୟାଳୟ ଗୁଡିକ ମୁଖ୍ୟ ଭୂମିକା ନେବ ସେ ଉପରେ ବିଦ୍ୟାଳୟ ଗୁଡିକୁ ସଜାଡିବାକୁ ପଡିବ ବୋଲି ପିଡି କହିଛନ୍ତି। ପରିଦର୍ଶନ ସମୟରେ ବିଡିଓ ସୁରଞ୍ଜନ କୁମାର ସାହୁ, ସହକାରୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀ, ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ରଙ୍କ ସମେତ ସରପଞ୍ଚମାନେ ଉପସ୍ଥିତ ଥିଲେ।

# ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ ବିଡିଓ, ଅଧ୍ୟକ୍ଷ

ଖଜୁରିପଡ଼ା,୫।୧୨(ଡି.ଏନ.ଏ.)


ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରୁଛନ୍ତି ବିଡିଓ, ଅଧ୍ୟକ୍ଷ।

ଖଜୁରିପଡ଼ା ବ୍ଲକ ଅପହଞ୍ଚ ଇଲାକା ବିଲାବାଡ଼ି ପଞ୍ଚାୟତର ପାଞ୍ଚଖଣ୍ଡ ଗ୍ରାମକୁ ଶୁକ୍ରବାର ବିଡିଓ ରବୀନ୍ଦ୍ରନାଥ କହଁର ଓ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର, କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନ ଗସ୍ତ କରିଥିଲେ। ବିଲାବାଡ଼ି ପଞ୍ଚାୟତ ଜିଲା ହେଡକ୍ୱାର୍ଟରଠାରୁ ୩୫ କିଲୋମିଟର ଓ ବ୍ଲକ ହେଡକ୍ୱାଟରଠାରୁ ୪୫ କିଲୋମିଟର ଦୂରରେ ଅବସ୍ଥିତ। ୧୧କିଲୋମିଟର ଆସିଲା ପରେ ପଞ୍ଚାୟତବାସୀ ଜାତୀୟ ରାଜପଥକୁ ପାଆନ୍ତି। ଏହି ପଞ୍ଚାୟତରେ ମୋଟ ୩୭ ଖଣ୍ଡ ଗ୍ରାମ ରହିଛି। ସେଥିରୁ ୩୦ ରାଜସ୍ୱ ଗ୍ରାମ ଓ ୭ ପଡ଼ା ଗ୍ରାମ ବଣପାହାଡ଼ ପରିପୂର୍ଣ୍ଣ। ହେଲେ ବର୍ତ୍ତମାନ ଯାଏ ଗାଁ ଗୁଡିକୁ ରାସ୍ତା ନିର୍ମାଣରେ ବାଧାପ୍ରାପ୍ତ ହେଉଛି। ଏହି ପଞ୍ଚାୟତକୁ ତତ୍କାଳୀନ ଏମ୍‌ପି ପୋଷ୍ୟ ପଞ୍ଚାୟତ ଭାବେ ଗ୍ରହଣ କରିଥିଲେ। କିନ୍ତୁ ସେଭଳି ବିକାଶ ଦୃଷ୍ଟିକୁ ଆସିନାହିଁ। ହେଲେ ବିଡିଓ ବିଲାବାଡ଼ି ପଞ୍ଚାୟତର ପ୍ରତି ଗାଁକୁ ଆସି ଲୋକଙ୍କ ସମସ୍ୟା ବୁଝୁଥିବା ସହିତ ସରକାରୀ ଉନ୍ନୟନ ମୂଳକ କାର୍ଯ୍ୟକୁ କରିବାକୁ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ବିଡିଓ ଅଧ୍ୟକ୍ଷ ପାଞ୍ଚଖଣ୍ଡ ଡଙ୍ଗାଗ୍ରାମ, ସିକାଡି, ଲୁଦୁଲୁଦି, ଗିନାନିନ୍ଦା, ନିକିନିନ୍ଦାର ପ୍ରଥମେ ଡଙ୍ଗା ଗ୍ରାମରେ ପହଞ୍ଚି ଏଠାରେ ନିର୍ମାଣାଧୀନ ପୋଲ କାମକୁ ଦେଖି ତୁରନ୍ତ କାମ ସାରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନଗଡ଼ା ଭଳି ଗ୍ରାମ ସିକାଡ଼ି ଗ୍ରାମରେ ପହଞ୍ଚି ଦଳସାହି, ତେନ୍ତୁଳିସାହି ଓ କହଁର ସାହି ବୁଲି ଲୋକଙ୍କ ସମସ୍ୟାକୁ ଜିଲାପାଳଙ୍କୁ ଜଣାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଅଧ୍ୟକ୍ଷ ମଧ୍ୟ ସମସ୍ତ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବେ ବୋଲି କହିଥିଲେ। ଏହାପରେ ଲୁଦୁଲୁଦି ଗ୍ରାମକୁ ଯିବାରାସ୍ତାକୁ ଦେଖିଲା ପରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସେଠାରୁ ବାନ୍ଧନପାଙ୍କୁ ଗ୍ରାମଦେଇ ସଂଯୋଗ ରାସ୍ତାକୁ କେମିତି ନିର୍ମାଣ କରାଯିବ ଦେଖି ଗିନାନିନ୍ଦା ଓ ନିକିନିନ୍ଦା ଗ୍ରାମକୁ ଯାଇଥିଲେ। ସେଠାରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଫେରି ଖଜୁରିପଡ଼ା ଯାଇଥିଲେ। ଏହି ଗସ୍ତରେ ସାମାଜିକ କର୍ମୀ ବୈଦ୍ୟନାଥ ବେହେରା, ସରପଞ୍ଚ ଅନ୍ନପୂର୍ଣ୍ଣ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ତ୍ରିଲୋଚନ ଖମାରି ପ୍ରମୁଖ ଉପସ୍ଥିତ ଥିଲେ।

**ଅପହଞ୍ଚ ଇଲାକାର ପାଞ୍ଚଖଣ୍ଡ ଗ୍ରାମ ବୁଲିଲେ**

# ବାଚସ୍ପତିଙ୍କ କୁକୁଡ଼ାଖଣ୍ଡି ବ୍ଲକ ଗସ୍ତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କୁକୁଡାଖଣ୍ଡି,୫।୧୨

ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଶନିବାର କୁକୁଡ଼ାଖଣ୍ଡି ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଶନିବାର ପୂର୍ବାହ୍ନରେ ରତ୍ନପୁର, ଅଂକୁଶପୁର ଏବଂ କୁକୁଡାଖଣ୍ଡି ବ୍ଲକଠାରେ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ପରେ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ସହ ବିଏନଆର୍‌ଜିଏସକେ କୋଠା ନିକଟରେ ଏକ ପାଠାଗାର, ମାର୍କେଟ କଂପ୍ଲେକ୍ସ, ରାଜୀବ ସେବା କେନ୍ଦ୍ର କୋଠା, ଯୁବ ଜ୍ୟୋତି ବ୍ୟାୟାମ କେନ୍ଦ୍ର, ଶିଶୁ ଉଦ୍ୟାନ, ହରିଜନ ସାହି କୋଠାଘର, ଧୋବା ସହି କୋଠା ଘର, ରାଧାକୃଷ୍ଣ ମନ୍ଦିର ନିକଟରେ କଲ୍ୟାଣୀ ମଣ୍ଡପ ଆଦି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କୁକୁଡାଖଣ୍ଡି ବିଡିଓ ଗଦାଧର ପାତ୍ରଙ୍କ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସ୍ଥାନୀୟ ବ୍ଲକରେ ଆୟୋଜିତ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ବାଚସ୍ପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

## କଂଗ୍ରେସ କର୍ମୀ ବୈଠକ

ଆର.ଉଦୟଗିରି,୫।୧୨ (ଡି.ଏନ.ଏ.)

ନୂଆଗଡ଼ ବ୍ଲକ ସମ୍ବଲପୁର ପଞ୍ଚାୟତର ମଣ୍ଡଳ ସାହି ଗ୍ରାମରେ କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ୬ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ନୂଆଗଡ ବ୍ଲକ ଜିଲା ପରିଷଦ ସଭ୍ୟ ଯୋଗଦେଇ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଯେପରି କଂଗ୍ରେସ ପାର୍ଟି ବିଜୟ ଲାଭ କରିପାରିବ ସେ ନେଇ ଆଲୋଚନା ହୋଇଥିଲା। ବ୍ଲକ ସଭାପତି ଯାକବ ରାଇକା, ସମ୍ପାଦକ ବା ନୂଆଗଡ଼ ସରପଞ୍ଚ ମିନ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ଗୁଡୁବାଇ ମଣ୍ଡଳ, ପରିମଳ ସରପଞ୍ଚ ପ୍ରଶାନ୍ତି ଗମାଙ୍ଗ, ପୁଟୁପଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁଲୋଭ ରଇତ ଏବଂ ୬ ପଞ୍ଚାୟତର କଂଗ୍ରେସ କର୍ମୀ ଆଲୋଚନାରେ ଭାଗ ନେଇଥିଲେ। ଏହି ବୈଠକରେ ବ୍ଲକର ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।

# ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ବୈଠକ

ଖଲ୍ଲିକୋଟ,୫।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲାର ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘକୁ ନେଇ ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ମଥୁରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବଂଶୀଧର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଜିଲା ଉପସଭାପତି ମହେଶ୍ୱର ନାୟକ, ସମ୍ପାଦକ ଅରୁପାନନ୍ଦ ଡାକୁଆ, ସହ ସମ୍ପାଦକ ସୁଧୀର କାନ୍ତ ଦାସ, କୋଷାଧ୍ୟକ୍ଷ ସୁଧୀରକାନ୍ତ ପ୍ରଧାନ, ଜିଲା ସଂଯୋଜକ ସୁଦର୍ଶନ ଡାକୁଆ, ସହ ସଂଯୋଜକ ଗଣେଶ ବାରିକ, ମଥୁରା ସରପଞ୍ଚ ପ୍ରତିନିଧି ପ୍ରଦୀପ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘର ଦୀର୍ଘଦିନ ହେବ ସ୍ଥାୟୀ ଚାକିରି, ନିୟମିତ ଦରମା, ସମାନ କାମକୁ ସମାନ ଦରମା ଆଦି ବିଷୟରେ ଦାବି କରି ଆସୁଥିଲେ ସୁଦ୍ଧା ସରକାର କର୍ଣ୍ଣପାତ କରୁ ନ ଥିବା ବୈଠକରେ ପ୍ରକାଶ କରିଥିଲେ। କେତେକ ପଞ୍ଚାୟତର ପିଅନ ମାସିକ ୫୦୦ ଟଙ୍କାରେ କାମ କରୁଛନ୍ତି। ପଞ୍ଚାୟତର ପ୍ରତ୍ୟେକ କାମରେ ଏମାନଙ୍କୁ ନିୟୋଜିତ କରାଯାଉଥିଲେ ସୁଦ୍ଧା ପାରିଶ୍ରମିକ ଦିଆଯାଉନାହିଁ। ବ୍ଲକର ଖୋଜାପଲି ପଞ୍ଚାୟତର ପିଅନ ଧବଳେଶ୍ୱର ଡାକୁଆ ୧୯୯୨ରୁ ପିଅନ ରୂପେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ମାସିକ ୧୦୦ ଟଙ୍କା ଦରମା ମିଳୁଥିବାର କ୍ଷୋଭର ସହ ପ୍ରକାଶ କରିଥିଲେ। ସେହିପରି ବାଦପଲି ପଞ୍ଚାୟତର ପିଅନ ୧୫୦ ଟଙ୍କା ପାଉଛନ୍ତି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ପିଅନଙ୍କୁ ଦିଆଯିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଏହି ସଂଘ ଆଗାମୀ ଦିନରେ ଆନ୍ଦୋଳନ କରିବା ସହ ଜିଲାର ପ୍ରତ୍ୟେକ ପଞ୍ଚାୟତରେ ତାଲା ପକାଇବ ବୋଲି ସଭାପତି ବଂଶୀଧର ବିଶ୍ୱାଳ କହିଥିଲେ।

# କାଗଜ କଲମରେ ସୀମିତ ଗଞ୍ଜାମ ସହରର ବିକାଶ

ଗଞ୍ଜାମ,୫।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ପ୍ରମୁଖ ସହର ମଧ୍ୟରେ ଗଞ୍ଜାମ ସହର ଅନ୍ୟତମ। ବାରଟି ୱାର୍ଡକୁ ନେଇ ଗଠିତ ଏହି ଏନ୍ଏସିରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସମସ୍ୟାରେ ଘାଣ୍ଟି ହେଉଛନ୍ତି ଲୋକେ। ବହୁବର୍ଷ ପୂର୍ବରୁ ଏହି ସହର ଏନ୍ଏସି ମାନ୍ୟତା ପାଇଥିଲେ ମଧ୍ୟ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଆବଶ୍ୟକ ରାସ୍ତାଘାଟ, କଲ୍ୟାଣ ମଣ୍ଡପ ନାହିଁ। ବହୁ ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏଥିସହିତ ସହରରେ ଭଲ ବିଶ୍ରାମାଗାର କିମ୍ବା ଶୌଚାଳୟଟିଏ ନାହିଁ। ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ କାର୍ଯ୍ୟ କେବଳ କାଗଜକଲମରେ ସୀମିତ ରହିଛି।

୨୦୧୫ ଅଗଷ୍ଟ ୩୧ରେ ବଡବଜାର ଠାରେ ବିଶ୍ରାମାଗାର ଓ ଶୌଚାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ୫ ବର୍ଷ ବିତିଲାଣି କାମ ଆରମ୍ଭ ହୋଇନାହିଁ। ଏହା ନିର୍ମାଣ ପାଇଁ ପଛୁଆ ଅଞ୍ଚଳ ବିକାଶ ପାଣ୍ଠିରୁ ୯ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟବରାଦ ହୋଇଥିଲା। ସେହିପରି କଲ୍ୟାଣମଣ୍ଡପ ସହରବାସୀଙ୍କ ପାଇଁ ସାତସପନ। ପ୍ରଥମଥର କଲ୍ୟାଣ ମଣ୍ଡପ ନିର୍ମାଣ ଟଙ୍କା ଡ଼ାଇଭର୍ଟ କରାଯାଇ ସେଥିରେ ବିଦ୍ୟୁତ ସରଞ୍ଜାମ କିଣାଯାଇଛି। ପୁଣି ଓଡ଼ିଆ ଢାମଣାସାହି ଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। କିନ୍ତୁ କାମ ଆରମ୍ଭ ହୋଇନାହିଁ।

ଅନ୍ୟପଟେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚକରି ସହର ମଧ୍ୟରେ ଏନ୍ଏସି ପ୍ରଶାସନ ପକ୍ଷରୁ ଷ୍ଟ୍ରିଟ୍ ଲାଇଟ ଲଗାଯାଇଛି, କିନ୍ତୁ ଅଧିକାଂଶ ସ୍ଥାନରେ ଜଳୁନାହିଁ। ଏ ସମ୍ପର୍କରେ ଏନ୍ଏସି ପ୍ରଶାସନକୁ ଅଭିଯୋଗ କଲେ ରାସ୍ତାକାମ ଯୋଗୁ ସମସ୍ୟା ଥିବା ଉତ୍ତର ମିଳୁଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବତନ ଏମପି ପ୍ରତିନିଧି ତଥା ସାମାଜିକକର୍ମୀ ସୁଧୀର କୁମାର ପାଢ଼ୀ ରାଜନୈତିକ ଇଚ୍ଛାଶକ୍ତି ନ ଥିବା ସ୍ୱୀକାର କରିବା ସହ ଦଳଗତ ନିର୍ବିଶେଷରେ ସମସ୍ତ ଗଞ୍ଜାମବାସୀ ଏକ ହେବାକୁ ଆହ୍ୱାନ ଦେଇଛନ୍ତି। ସାମାଜିକକର୍ମୀ ରାକେଶ ରଞ୍ଜନ ଦାସ କହିଛନ୍ତି, ଅନ୍ୟ ଏନ୍ଏସି ତୁଳନାରେ ଗଞ୍ଜାମ ବହୁ ପଛରେ ରହିଛି। ଏଥିପାଇଁ ସେ ଜିଲା ପ୍ରଶାସନକୁ ସିଧାସଳଖ ଦାୟୀ କରିଛନ୍ତି। ଅନ୍ୟପଟେ ଭାଜପା ନଗର ସଭାପତି ସୁଦାମ ଚରଣ ଜେନା କହିଛନ୍ତି ୧୦ ବର୍ଷରୁ ଉର୍ଦ୍ଧ୍ୱହେବ ଏହି ସହରରେ କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ। ଏଥିପାଇଁ ଶାସକ ଦଳକୁ ସେ ଦାୟୀ କରିଛନ୍ତି।



ନାମ ଫଳକ।

